# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 March - 2025

### News Editor : Itishree Singh Rathaur

********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ବନ୍ୟପ୍ରାଣୀ ଦିବସ ଉପଲକ୍ଷେ ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱରରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରୁଛନ୍ତି ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ ଓ କଲେଜ ପାଇଁ ଖୁବ୍‌ଶୀଘ୍ର ଜାରି ହେବ ମାର୍ଗଦର୍ଶିକା

ଏବଂ

- ରାଷ୍ଟ୍ରୀୟ ମିଲେଟ କିଶାନ ମେଳା ଓ ଶିଳ୍ପ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାରୁ ୨୫ ଜଣ ଚାଷୀ ସାମିଲ

*Desk*

# ବିଶ୍ୱ ବନ୍ୟପ୍ରାଣୀ ଦିବସ

ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଆଜିର ଦିନକୁ ବିଶ୍ୱବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ଲାଗି ଲୋକ ଏବଂ ଗ୍ରହ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା'। ୨୦୧୩ ମସିହା ଡିସେମ୍ବର ମାସ ୨୦ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଏହାପରଠାରୁ ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି।

ବନ୍ୟପ୍ରାଣୀ ଦିବସ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଗୁଜରାଟର ଜୁନାଗଡ଼ ଜିଲ୍ଲାର ଶାସନଗିରଠାରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନ୍ୟଜନ୍ତୁ ସଂରକ୍ଷଣ ଓ ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୬ତମ ଏସୀୟ ସିଂହ ସଂଖ୍ୟା ଆକଳନ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ବନ୍ୟପ୍ରାଣୀ ଦିବସରେ ଗ୍ରହର ଅବିଶ୍ୱସନୀୟ ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ସୁରକ୍ଷା ପ୍ରତି ଆଗାମୀ ପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଜଙ୍ଗଲର ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ସ୍ଥାୟୀ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ଭାରତ ଏହାର ସମୃଦ୍ଧ ଓ ବିବିଧ ବନ୍ୟଜନ୍ତୁ ପ୍ରାକୃତିକସ୍ଥଳୀ ପାଇଁ ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଦେଶରେ ବର୍ତ୍ତମାନ ୧୦୬ଟି ଜାତୀୟ ଉଦ୍ୟାନ, ୫୭୩ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ୧୧୫ଟି ସଂରକ୍ଷଣ ସ୍ଥଳୀ ରହିଛି। ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହା ମଧ୍ୟରୁ ଅନ୍ୟତମ **ଏକ୍ ପେଡ୍ ମା'କେ ନାମ୍** ଅଭିଯାନ ଅଧୀନରେ ଗତବର୍ଷ ଡିସେମ୍ବର ସୁଦ୍ଧା ଦେଶରେ ୧୦୨ କୋଟିରୁ ଅଧିକ ଚାରାରୋପଣ କରାଯାଇଛି ।

***Desk***

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହେଉଛି। ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି

କରୁଛନ୍ତି।  ଆଜି ମୁଖମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଭୁବନେଶ୍ୱରରେ ପ୍ରାୟ ୧ ହଜାର ଜନଶୁଣାଣି କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

# ଆଇନଜୀବୀ କର୍ପସ ଫଣ୍ଡ

ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଏପ୍ରିଲ ମାସରୁ କନିଷ୍ଠ ଆଇନଜୀବୀମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ ଆଇନ-୨୦୨୦ କାର୍ଯ୍ୟକାରୀ କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ଏଣିକି ଆଇନଜୀବୀମାନେ ପ୍ରତ୍ୟେକ ମକଦ୍ଦମା ରୁଜୁ କଲାବେଳେ ୧୦୦ଟଙ୍କାର ଆଇନଜୀବୀ ୱେଲଫେୟାର କର୍ପସ ଫଣ୍ଡର ଷ୍ଟାମ୍ପ୍ ଲଗାଇବା ବାଧ୍ୟତାମୂଳକ କରାଯାଇଛି ।

***HS***

# ସ୍କୁଲ ମାର୍ଗଦର୍ଶିକା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ଖୁବଶୀଘ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ଦୁଇଦିନ ମଧ୍ୟରେ ଏହି ନିଷ୍ପତ୍ତି ନିଆଯିବ। ଏ ନେଇ ସ୍କୁଲ ଓ

ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସହିତ ରାଜସ୍ୱ ବିଭାଗର ଆଲୋଚନା ଶେଷ ହୋଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**-V/O-**

***HS***

## ପ୍ଲଟ ପଞ୍ଜୀକରଣ

ରାଜ୍ୟରେ ଆସନ୍ତା ମାସରୁ ଜନସାଧାରଣଙ୍କ ପାଇଁ ପ୍ଲଟ ପଞ୍ଜୀକରଣ ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏ ନେଇ ନଗର ଉନ୍ନୟନ ବିଭାଗ' ରାଜସ୍ୱ ବିଭାଗକୁ ଡ୍ରାଫ୍ଟ ପ୍ରଦାନ କରିଛି। ଚଳିତ ମାସ ଶେଷ ସୁଦ୍ଧା ଡ୍ରାପ୍ଟର ତର୍ଜମା କରି ସଂଶୋଧନ କରାଯିବ। ପରେ ଢାଞ୍ଚା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ପ୍ଲଟ କିଣିବାକୁ ଥିବା ବ୍ୟକ୍ତିମାନଙ୍କୁ ରାସ୍ତା ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ କରାଯିବ। ୫ ହଜାର ସ୍କ୍ୱୟାର ଫୁଟ୍ ପର୍ଯ୍ୟନ୍ତ ପାର୍ଟ ପ୍ଲଟ ପଞ୍ଜୀକରଣ ନେଇ ନଗର ଉନ୍ନୟନ ବିଭାଗ ଢାଞ୍ଚା ପ୍ରସ୍ତୁତ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

***Desk***

## ସୁଭଦ୍ରା ମେଳା ଉଦ୍‌ଯାପିତ

ଭୁବନେଶ୍ୱର ଜନତା ମଇଦାନରେ ୯ ଦିନ ବ୍ୟାପୀ ଆୟୋଜିତ ମହିଳା ସଶକ୍ତୀକରଣ ଓ ଉଦ୍ୟୋଗିତା ମହୋତ୍ସବ ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କର ମହିଳା କୈନ୍ଦ୍ରୀକ,

ବିଭିନ୍ନ ଯୋଜନା ସମ୍ବନ୍ଧରେ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଆୟୋଜିତ ମହୋତ୍ସବରେ ରାଜ୍ୟର ୩୦୦ରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉତ୍ପାଦନ ପ୍ରଦର୍ଶିତ ହୋଇଥିଲା। ୯ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ୬ ଲକ୍ଷ ଟଙ୍କାରୁ ଅଧିକ ଉତ୍ପାଦ ବିକ୍ରି କରି କଳାହାଣ୍ଡିର ଏମ୍.ରାମପୁର ମା' ବୈଷ୍ଣଦେବୀ ପିଜି ରେକର୍ଡ କରିଥିଲା।

***Desk***

# ମିଲେଟ୍ କିଷାନ ମେଳା

ଭାରତୀୟ ମିଲେଟ୍ ଗବେଷଣା ସଂସ୍ଥାନ ପକ୍ଷରୁ ହାଇଦ୍ରାବାଦଠାରେ ରାଷ୍ଟ୍ରୀୟ ମିଲେଟ୍ କିଷାନ ମେଳା ଓ ଶିଳ୍ପ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି। ଦୁଇଦିନିଆ ଏହି ମେଳାରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଆଦି ରାଜ୍ୟରୁ ୧୫ଶହ ଚାଷୀ ଯୋଗ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ କବିସୂର୍ଯ୍ୟନଗର ବ୍ଲକର ୨୫ ଜଣ ଅଗ୍ରଣୀ ଚାଷୀ ଏଥିରେ ଅଂଶଗ୍ରହଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମିଲେଟ୍ ଚାଷ, ବଜାର ସୁଯୋଗ ଏବଂ ଆଧୁନିକ ଚାଷ ପଦ୍ଧତି ସମ୍ବନ୍ଧରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୃହତ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଚାଷ ପ୍ରତି ଚାଷୀଙ୍କ ଆକୃଷ୍ଟତାକୁ ବୃଦ୍ଧି

କରିବା ପାଇ ନୂତନ ଚାଷ କୌଶଳ ଓ ଦକ୍ଷତା ବୃଦ୍ଧି ନିମେନ୍ତ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି ।

***BHK***

## ଜନଔଷଧି ଦିବସ

ଭଦ୍ରକ ଜିଲ୍ଲାରେ ଆଜି ଜନଔଷଧି ଦିବସ ପାଳନ କରାଯାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲାର ୭ଟି ବ୍ଲକର ୩୦ରୁ ଉର୍ଦ୍ଧ୍ୱ ଜନଔଷଧି କେନ୍ଦ୍ରମାନଙ୍କରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କେନ୍ଦ୍ରଗୁଡ଼ିକରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ପ୍ରକାରର ଔଷଧ ଏବଂ ୪୮୦ ପ୍ରକାର ସର୍ଜିକାଲ ଔଷଧ ମିଳୁଥିବା ଜଣାପଡ଼ିଛି । ଜନଔଷଧି କେନ୍ଦ୍ରଗୁଡ଼ିକରୁ ବିଭିନ୍ନ ସ୍ଥାନରେ ଔଷଧ ସୁଲଭ ମୂଲ୍ୟରେ କିଣି ଜନସାଧାରଣ ଉପକୃତ ହେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭଦ୍ରକ ଜିଲ୍ଲାର ସୁମିତ୍ରା ପାଣି ଧନ୍ୟବାଦ ଜଣାଇଛନ୍ତି ।

**-V/O-**

***Gajapati***

## ସ୍ୱାସ୍ଥ୍ୟ ସଚେତନତା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ମହାରାଜା ପ୍ୟାଲେସ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଜିଲ୍ଲାପାଳ

ବିଜୟ କୁମାର ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଶାରୀରିକ ବ୍ୟାୟାମ ଜରୁରୀ। ସାଇକେଲ ଚଳାଇ ସୁସ୍ଥ ରହିବାକୁ ସମସ୍ତ ସରକାରୀ କର୍ମଚାରୀଙ୍କୁ ପରାମର୍ଶ  ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

***Desk***

## ଶ୍ରବଣ ଦିବସ

ଶ୍ରୁତି ବାଧିତମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଶ୍ରବଣ ଶକ୍ତି ଦିବସ ଭାବେ ପାଳନ କରାଯାଉଛି। ବଧିରତାକୁ ରୋକିବା, ଚିକିତ୍ସା ଓ ପ୍ରତିକାର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ମାର୍ଚ୍ଚ ମାସ ୩ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି। ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ୭୦ ନିୟୁତରୁ ଅଧିକ ଲୋକ ଆଂଶିକ କିମ୍ବା ସମୁଦାୟ ବଧିରତାରେ ପିଡ଼ିତ ଅଛନ୍ତି। ସେଥିମଧ୍ୟରୁ ୮୦ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବିଭିନ୍ନ କାରଣରୁ ଶ୍ରବଣ ଶକ୍ତି ହ୍ରାସଜନିତ ସଂଖ୍ୟା ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ମିଳିତ ଜାତିସଂଘ ଏବଂ ବିଭିନ୍ନ ସାମାଜିକ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଶ୍ରବଣ ଶକ୍ତି ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ରାଜ୍ୟର ବିଭିନ୍ନ

ସ୍ଥାନରେ ସଚେତନତା ମୂଳକ କାର୍ଯ୍ୟକ୍ରମ ପାଳନ କରାଯାଉଥିବା ଆମର ଖବର ହସ୍ତଗତ ହୋଇଛି ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ବୌଦ୍ଧ ଓ ବଲାଙ୍ଗୀରରେ ସର୍ବାଧିକ ଦିନର ତାପମାତ୍ରା ୩୮ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଆସନ୍ତା ୪ରୁ ୫ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ତେବେ ପୁରୀ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ବରଗଡ଼ ଓ ବୌଦ୍ଧ ଜିଲ୍ଲାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।